**୧୭ ବର୍ଷରୁ କମ କ୍ରିକେଟ୍ ଟିମ୍‌କୁ ଶୁଭେଚ୍ଛା**

କେନ୍ଦୁଝର,(ଡି.ଏନ.ଏ): ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଗୁଳ ଜିଲା ଅନୁଗୁଳ ହାଇସ୍କୁଲ ଖେଳପଡ଼ିଆଠାରେ ଆରମ୍ଭ ହୋଇଯାଇଛି। ବାଳକ ବର୍ଗରେ ୧୭ ବର୍ଷରୁ କମ କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ କେନ୍ଦୁଝର ଜିଲା ସ୍କୁଲ ଆସୋସିଏସନ ପକ୍ଷରୁ ୧୫ ଜଣ ଛାତ୍ର ଅନୁଗୁଳ ଗସ୍ତ କରିଛନ୍ତି। ପ୍ରତିଯୋଗୀମାନଙ୍କୁ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଶୁଭ ମନାସିଛନ୍ତି। ପ୍ରତିଯୋଗିତାରେ ଖେଳୁଆଡ଼ ମନୋଭାବ ନେଇ ଖେଳିବା ପାଇଁ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ହରିଣ ଉଦ୍ଧାର



ଜଳେଶ୍ୱର,୧୦।୨(ଡି.ଏନ.ଏ.): ସୁବର୍ଣ୍ଣରେଖା ନଦୀକୂଳ ଅଞ୍ଚଳରେ ଚରାବୁଲା କରୁଥିବା ଏକ ହରିଣକୁ ସୁଖଦୁଖିଆ ଗାଁର ଜଳେନ୍ଦ୍ର ଓଝା ଓ ଶତ୍ରୁଘ୍ନ ମଣ୍ଡଳ ହରିଣକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ହରିଣଟି ଆହତ ହୋଇଥିବାରୁ ରାଇବଣିଆ ଫରେଷ୍ଟର ଦେବରାଜ ରାଉତ ପହଞ୍ଚି ଚିକିତ୍ସା ଲାଗି ତାକୁ ଜଳେଶ୍ୱର ପ୍ରାଣିଚିକିତ୍ସା କେନ୍ଦ୍ରକୁ ଆଣିଥିଲେ। ଚିକିତ୍ସାପରେ ଫରେଷ୍ଟର ରାଉତ ଓ ରେଞ୍ଜର ଜୟଶ୍ରୀ ମୁର୍ମୁଙ୍କ ନେତୃତ୍ୱରେ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା।

### ବିଦ୍ୟାଳୟରୁ ଚୋରି ବେଳେ ଧରାପଡ଼ିଲେ ଯୁବକ

ମୋରଡା,୧୦।୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ବର୍ଡନା ଗ୍ରାମରେ ଥିବା ବିଦ୍ୟାଳୟରୁ ଚୋରି କରୁଥିବା ସମୟରେ ଜଣେ ଯୁବକ ଗ୍ରାମବାସୀଙ୍କ ହାତରେ ପଡ଼ିଛନ୍ତି। ସେମାନେ ତାଙ୍କୁ ମାଡ଼ ମାରିଥିଲେ। ସୂଚନା ଅନୁଯାୟୀ, ଯୁବକ ଜଣକ ଉକ୍ତ ବିଦ୍ୟାଳୟରୁ ପାଣି ମୋଟର ପମ୍ପ ଚୋରି କରୁଥିଲେ। ଗ୍ରାମବାସୀ ତାଙ୍କୁ କାବୁ କରିବା ପରେ ବଡାମପୁର ଫାଣ୍ଡି ଏବଂ ରାସଗୋବିନ୍ଦପୁର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଥିଲା। ଯୁବକ ଜଣକ ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ରାଣାମୁଣ୍ଡୁଳି ଅଞ୍ଚଳର ବୋଲି ଜଣାପଡ଼ିଛି। ଏନେଇ ରାସଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି।

### ନର୍ସିଂ ଅଫିସରଙ୍କୁ କିରାଣିଙ୍କ ଦୁର୍ବ୍ୟବହାର ଅଭିଯୋଗ

ବାରିପଦା ଅଫିସ,୧୦।୨: ବାରିପଦାସ୍ଥିତ ପିଆର୍‌ଏମ୍ ହସ୍ପିଟାଲ ଓ ମେଡିକାଲ କଲେଜରେ ନର୍ସିଂ ଅଫିସରଙ୍କୁ କିରାଣି ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ହସ୍ପିଟାଲ ପରିସରରେ ଥିବା ମେଡିକାଲ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ କିରାଣିଙ୍କୁ କାର୍ଯ୍ୟରୁ ବଦଳି ସହ କ୍ଷମା ପ୍ରାର୍ଥନା କରିବା ନେଇ ନର୍ସିଂ ଅଫିସରମାନେ ଦାବି କରିଥିଲେ। ଖବରପାଇ ପୋଲିସ ଓ ହସ୍ପିଟାଲର ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନା ଅନୁଯାୟୀ, ହସ୍ପିଟାଲରେ କାର୍ଯ୍ୟରତ ନର୍ସିଂ ଅଫିସରଙ୍କୁ ନିୟମିତ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ବର୍ଦ୍ଧିତ ବେତନ ବର୍ତ୍ତମାନ ସୁଦ୍ଧା ଲାଗୁ ହୋଇନାହିଁ। ବର୍ଷେ ହେବ ବର୍ଦ୍ଧିତ ଦରମା ପାଇନାହାନ୍ତି। ତେବେ ଏ ବାବଦରେ ଜାଣିବା ପାଇଁ ନର୍ସିଂ ଅଫିସରମାନେ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ପଚାରିବାକୁ ଯାଇଥିଲେ। ସେଠାରେ କିରାଣି ଜଣକ ନର୍ସିଂ ଅଫିସରମାନଙ୍କୁ ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହାର ପ୍ରତିବାଦରେ ବିଶ୍ୱଜିତା ବେହେରା, ଗାୟକ ରଞ୍ଜନ ମହାନ୍ତ, ନିରୂପମା ବେହେରା, ଅର୍ପିତା, ମଧୁମିତା ପ୍ରମୁଖ କିରାଣିଙ୍କ ବଦଳି ଦାବି କରିଛନ୍ତି।

# ପ୍ରତିଶ୍ରୁତିରେ ଅଟକିଛି ବିକାଶ

## ଲୋକଙ୍କୁ ମିଳୁନି ମୌଳିକ ସୁବିଧା

ବାଙ୍ଗିରିପୋଷି,୧୦।୨(ଡି.ଏନ.ଏ.)

ଗ୍ରାମାଞ୍ଚଳ ଲୋକଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ କାଳିଆମି ଗାଁର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବ୍ଲକ ସଦର ମହକୁମାଠାରୁ ମାତ୍ର ୪ କି.ମି. ଦୂର ବୁଢ଼ାବଳଙ୍ଗ ନଦୀ କୂଳରେ ଅବସ୍ଥିତ ଏହି ଗାଁର ଲୋକେ ନାନା ସମସ୍ୟା ମଧ୍ୟରେ କାଳ କାଟୁଛନ୍ତି। ନେତା ଓ ଅଧିକାରୀଙ୍କ ପ୍ରତିଶ୍ରୁତିରେ ଏଠାକାର ବିକାଶ ଅଟକି ରହିଛି।

ମାଝି ସାହିରେ ୧୦ଟି ଆଦିବାସୀ ପରିବାର ୭୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। କୃଷି ଓ ଦିନ ମଜୁରି ଲାଗି ଗ୍ରାମବାସୀ ଜୀବିକା ନିର୍ବାହ କରିଥାନ୍ତି। ହେଲେ ଲୋକେ ଘରୁ ବାହାରିବା ପାଇଁ ଭଲ ରାସ୍ତାଟିଏ ନାହିଁ। ଏହି ଗାଁ ପାଖରେ ରହିଛି ବୁଢ଼ାବଳଙ୍ଗ ଓ ବେଢ଼ା ନାଳ । ଭଲ ରାସ୍ତାଟିଏ ନ ଥିବାରୁ ବର୍ଷା ଦିନେ ଲୋକଙ୍କ ଦୁଃଖ ଦ୍ୱିଗୁଣିତ ହୋଇଥାଏ । ଦୀର୍ଘ ଦିନ ପରେ ମାଝି ସାହିରେ ଏକ ନଳକୂପ ସ୍ଥାପନ ହୋଇଛି। ହେଲେ ସେହି



କାଳିଆମି ଗାଁ ରାସ୍ତା।

ସ୍ଥାନଟି ଖାଲୁଆ ହୋଇ ଥିବାରୁ ବର୍ଷା ଦିନେ ନଳକୂଅଟି ପାଣିରେ ବୁଡ଼ିରୁହେ। ଫଳରେ ଗ୍ରାମବାସୀ ନଳ କୂଅରୁ ପାଣି ନେବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗାଁରେ ପ୍ରାଥମିକ ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ର ପାଖାପାଖି ୨ କି.ମି ଦୂରରେ ଥିବା ଯୋଗୁ ବର୍ଷା ଦିନେ ପିଲାଙ୍କ ପାଠପଢ଼ା ବନ୍ଦ ରହିଥାଏ। ସେହିପରି ଲୋକେ ରୋଗରେ ପଡ଼ିଲେ ଗାଁକୁ ଆମ୍ବୁଲାନ୍ସ ଯାଇପାରେ ନାହିଁ। ଗତ ବର୍ଷ ବାତ୍ୟା ସମୟରେ ପୂର୍ବତନ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦାସ ଟୁଡୁ, ତହସିଲଦାର ଲଲାଟେନ୍ଦୁ ସି, ଜେଇ ସଞ୍ଜୟ କୁମାର ପଢ଼ିହାରୀ ସେହି ସ୍ଥାନକୁ ଯାଇ ନଦୀ କୂଳରେ ଥିବା ପରିବାରକୁ ନିକଟସ୍ଥ ସ୍କୁଲକୁ ସ୍ଥାନାନ୍ତରିତ କରିଥିଲେ। ସେହି ସାହିକୁ ପ୍ରବେଶ ପାଇଁ ରାସ୍ତା ଠିକ୍ ନ ଥିବାରୁ ଏକ ନୂତନ ରାସ୍ତା ପାଇଁ ମଧ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମସ୍ତ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହି ଯାଇଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ଗ୍ରାମବାସୀମାନେ ଗତ ପଞ୍ଚାୟତ ନିର୍ବାଚନ ସମୟରେ ପ୍ରଚାରରେ ଆସିଥିବା ସମସ୍ତ ଜନପ୍ରତିନିଧିଙ୍କୁ ଏହି ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ ମଧ୍ୟ ଜନପ୍ରତିନିଧିମାନେ ଜିତାପଟ ପରେ ସମସ୍ୟା ପ୍ରତି ନଜର ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଭୋଟ ବେଳେ ନେତାମାନେ ଗାଁକୁ ଆସି ବହୁକଥା କୁହନ୍ତି, ହେଲେ ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇ ପାରୁ ନ ଥିବା ଗ୍ରାମର ଭରତ ମାରାଣ୍ଡି କହିଛନ୍ତି। ଅଧିକାରୀମାନେ ଗାଁକୁ ଆସି ସମସ୍ୟା ବିଷୟରେ ଅବଗତ ହୋଇଥିଲେ ମଧ୍ୟ ଏହାର ସମାଧାନ ପାଇଁ ପଦକ୍ଷେପ ନେଉ ନ ଥିବା ଗ୍ରାମର ପୂର୍ବତନ ୱାର୍ଡସଭ୍ୟ ପୂର୍ଣ୍ଣ ମହାଲି ପ୍ରକାଶ କରିଛନ୍ତି। ସେହିପରି ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ରାସ୍ତା ନିର୍ମାଣ ପ୍ରତି ଧ୍ୟାନ ଦେଉ ନ ଥିବା ଗ୍ରାମର ବାସିନ୍ଦା ରାମଜିତ ମାରାଣ୍ଡି କହିଛନ୍ତି।

# ରାଜ୍ୟସ୍ତରୀୟ ଦୌଡ଼କୁଦରେ ଓମ୍‌ଙ୍କୁ ସ୍ୱର୍ଣ୍ଣ

ଗୋପବନ୍ଧୁ ନଗର/ଖୁଣ୍ଟା,୧୦।୨ (ଡି.ଏନ.ଏ.)



କୃତୀ ପ୍ରତିଯୋଗୀ।

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ୍ ଧାନଘେରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଓମ ଜାଗେନ ମାଝୀ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଜଗତସିଂହପୁର ଜିଲା ପାରାଦୀପ ଏନ୍‌ଏସି ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗ ନେଇ ଶହେ ମିଟର ଦୌଡ, ୮୦ ମିଟର ପ୍ରତିବନ୍ଧକ ଦୌଡ଼ରେ ସ୍ୱର୍ଣ୍ଣ, ୪ଶହ ମିଟର ରିଲେ ରେସରେ ରୌପ୍ୟ ପଦ ପାଇଛନ୍ତି। ଜାଗେନ ଜାତୀୟସ୍ତରକୁ ମନୋନୀତ ହୋଇଥିବାରୁ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ରାୟଗୁରୁ, ଖେଳ ଶିକ୍ଷକ ନୟନ ରଞ୍ଜନ ପଣ୍ଡା ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ସେହିପରି ଗୋପବନ୍ଧୁ ନଗର ବ୍ଲକ୍ କୁଆମରା ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ବବଲି ସିଂ ରାଜ୍ୟସ୍ତରୀୟ କ୍ରିକେଟ୍ ମ୍ୟାଚ ପାଇଁ ବିବେଚିତ ହୋଇଛନ୍ତି।

# ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ନବୀନ ନିବାସ ଅଭିମୁଖେ ଯାତ୍ରା




ନବୀନ ନିବାସ ଅଭିମୁଖେ ଯାତ୍ରାରେ ବାହାରିଥିବା ପୂର୍ବତନ ବିଧାୟକ ନରେନ ପଲେଇ ଓ ସମର୍ଥକମାନେ।

ଭଦ୍ରକ ଅଫିସ, ୧୦।୨

ଭଦ୍ରକ ଜିଲାରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ବାରମ୍ବାର ଦାବି ସତ୍ତ୍ୱେ ପୂରଣ ନ ହେବାରୁ ପୂର୍ବତନ ବିଧାୟକ ନରେନ ପଲେଇ ଶୁକ୍ରବାର ଜିଲାର ସ୍ୱାର୍ଥ ପାଇଁ ନବୀନ ନିବାସ ଅଭିମୁଖେ ଯାତ୍ରା କରିଛନ୍ତି। ଭଦ୍ରକ ଚରମ୍ପା ରେଲୱେ ଷ୍ଟେଶନରୁ ସମର୍ଥକମାନଙ୍କ ସହ ସେ ଏହି ଯାତ୍ରା କରିଛନ୍ତି। ଭୁବନେଶ୍ୱରରେ ପହଞ୍ଚିବା ପରେ ଏହି ପ୍ରମୁଖ ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବେ ବୋଲି ସେ କହିଛନ୍ତି। ପୂର୍ବରୁ ୮ ମାସ ଧରି ୮ଥର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିବା ବେଳେ ଏହା ତାଙ୍କର ୯ମ ଦାବିପତ୍ର। ଦାବି ପୂରଣ ନ ହେଲେ ଆଗାମୀ ୪ ମାସ ପର୍ଯ୍ୟନ୍ତ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ମହାସମାବେଶରେ ସାମିଲ ହେବେ ୧ ଲକ୍ଷ କୁଡୁମୀ



ପ୍ରସ୍ତୁତି ବୈଠକରେ କୁଡୁମୀ-ମହାନ୍ତ ମହାସଭାର କାର୍ଯ୍ୟକର୍ତ୍ତା ଓ ଅନ୍ୟମାନେ।

ବାରିପଦା ଅଫିସ, ୧୦।୨

କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ଦାବିରେ ହେବାକୁ ଥିବା ମହାସମାବେଶ ପାଇଁ ବାରିପଦା ଉପକଣ୍ଠ ଜନାର୍ଦ୍ଦନପୁରସ୍ଥିତ କୁଡୁମୀ-ମହାନ୍ତ ମହାସଭା କାର୍ଯ୍ୟାଳୟରେ ବରିଷ୍ଠ କର୍ମକର୍ତ୍ତାମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଭାର ରାଜ୍ୟ ସଭାପତି ଅଧ୍ୟାପକ ଗୋପବନ୍ଧୁ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆସନ୍ତା ୨୬ ତାରିଖରେ ବାରିପଦା ଛଉ ପଡ଼ିଆରେ ହେବାକୁ ଥିବା କୁଡୁମୀ ଅଧିକାର ଓ ସାଂସ୍କୃତିକ ମହାସମାବେଶକୁ ସଫଳ କରିବା ନିମନ୍ତେ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି। ୧ ହଜାର ମାଦଳ ଓ ଏକ ଲକ୍ଷ କୁଡୁମୀଙ୍କ ସମାଗମ ସହ ଏହି ମହାସମାବେଶକୁ ପଡ଼ୋଶୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ସମସ୍ତ ନେତୃମଣ୍ଡଳୀ, ଅଗ୍ରଣୀ ସଙ୍ଗଠକମାନଙ୍କୁ ଆମନ୍ତ୍ରଣ କରାଯିବ ବୋଲି ମତପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶହ ଶହ ଝୁମର ଦଳକୁ ସାମିଲ କରିବାର ଯୋଜନା ହୋଇଛି। ମହାସମାବେଶରେ କୁଡୁମୀମାନଙ୍କୁ ଅଧିକାର ପ୍ରଦାନ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ସଂଯୋଜନା କମିଟି ଆବାହକ ଛୋଟଲାଲ ମହାନ୍ତ, ମହାସଭାର ସାଧାରଣ ସମ୍ପାଦକ ଆଡଭୋକେଟ ବସନ୍ତ କୁମାର ମହାନ୍ତ, ଉପଦେଷ୍ଟା ଆଡଭୋକେଟ ଅବନୀ କୁମାର ମହାନ୍ତ ଓ ବୈଦ୍ୟନାଥ ମହାନ୍ତ, ଜିଲା ସଭାପତି ଆଡଭୋକେଟ ପଦ୍ମଲୋଚନ ମହାନ୍ତ, କାର୍ଯ୍ୟକାରୀ ସଭାପତି ଇଞ୍ଜିନିୟର ପ୍ରଦୀପ ମହାନ୍ତ, ଆଦିମ କୁଡୁମୀ ସମାଜର ସଭାପତି ପଦ୍ମଲୋଚନ ମହାନ୍ତ, କୁଡମାଲୀ କଲ୍‌ଚରଲ ଆସୋସିଏଶନର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ସମ୍ପାଦକ ଡ. ଭକ୍ତହରି ମହାନ୍ତ, ଯୁବନେତା ପଟେଲ ମହାନ୍ତ, ବରିଷ୍ଠ ସଙ୍ଗଠକ ମୋହନ ମହାନ୍ତ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ସାଇକେଲ ଚାଳକ ମୃତ

ବାଲେଶ୍ୱର ଅଫିସ,୧୦।୨

ବାଲେଶ୍ୱର ସହରସ୍ଥିତ ଫକୀରମୋହନ କଲେଜ ସମ୍ମୁଖ ରାସ୍ତାରେ ଶୁକ୍ରବାର ପୂର୍ବାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପୌରାଞ୍ଚଳ ଅନ୍ତର୍ଗତ ଫୁଲବଜାର ଅଞ୍ଚଳର ଅବଦୁଲ ଜାକିର ଖାନ (୪୦)। ସୂଚନା ଅନୁଯାୟୀ, ଅବଦୁଲ ରେମୁଣା ଜାନୁଗଞ୍ଜ ଗୋଲେଇସ୍ଥିତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି। ଶୁକ୍ରବାର ପୂର୍ବାହ୍ନ ୫ଟା ସମୟରେ ଘରୁ ବାହାରି ସାଇକେଲ ଯୋଗେ କାର୍ଯ୍ୟକୁ ଯାଉଥିବା ବେଳେ ଫକୀରମୋହନ କଲେଜ ସମ୍ମୁଖ ରାସ୍ତାରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଟାଉନ୍ ଥାନା ପୋଲିସ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# 'ମହୋତ୍ସବ ରାଷ୍ଟ୍ର ଅଗ୍ରଗତିର ଭିତ୍ତିଭୂମି'



ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

ରୂପସା,୧୦।୨(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅଧୀନ ପୋଡାଡ଼ିହା ଷ୍ଟାର କ୍ଲବ ଓ ମହୋତ୍ସବ କମିଟି ଆନୁକୂଲ୍ୟରେ ୧୧ତମ ବାର୍ଷିକ ରୂପ୍‌ସା ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ବିଜେଡି ଜିଲା ସାଧାରଣ ସମ୍ପାଦକ ବରଦାପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ମହୋତ୍ସବ ରାଷ୍ଟ୍ର ଅଗ୍ରଗତିର ଭିତ୍ତିଭୂମି ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନୀତ ଅତିଥି ରୂପ୍‌ସା ସରପଞ୍ଚ ମାଳତୀ ପ୍ରଧାନ, କସିପଦା ସରପଞ୍ଚ ଗଙ୍ଗାମଣି ବେହେରା ଓ ସାମାଜିକ କର୍ମୀ ବଂଶୀଧର ପଣ୍ଡା ଯୋଗଦେଇ ମହୋତ୍ସବ ପ୍ରେମ, ପ୍ରୀତି, ସମ୍ପର୍କର ଭିନ୍ନ ଅନୁଭୂତି ବୋଲି କହିଥିଲେ। କମିଟି ସଭାପତି ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ଏଥିରେ ପୌରାହିତ୍ୟ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନେ ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଉପଦେଷ୍ଟା ସୁଧାକର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସରଗମ ଅରକେଷ୍ଟ୍ରାର ନୃତ୍ୟ ଓ କଣ୍ଠଶିଳ୍ପୀମାନଙ୍କ ନାଚ ଗୀତରେ ସମସ୍ତେ ଝୁମିଥିଲେ। ଓଡ଼ିଆ ଧାରାବାହିକ ଅଭିନେତ୍ରୀ ଝିଲ୍ଲୀଙ୍କ ଅଭିନୟ ଓ ନାଚ ଦର୍ଶକମାନଙ୍କୁ ଦୀର୍ଘ ସମୟ ବାନ୍ଧି ରଖିଥିଲା।

# ୧୬ରୁ ପ୍ରାଣୀ ଚିକିତ୍ସକଙ୍କ ଡିଜିଟାଲ କାର୍ଯ୍ୟ ବର୍ଜନ

କେନ୍ଦୁଝର,୧୦।୨(ଡି.ଏନ୍.ଏ/ସ୍ୱ.ପ୍ର)

ବିଭିନ୍ନ ଦାବି ନେଇ ଜିଲାର ପ୍ରାଣୀ ଚିକିତ୍ସକମାନେ ଫେବୃୟାରୀ ୧ ରୁ କଳା ବ୍ୟାଚ୍ ପିନ୍ଧି ପ୍ରତିବାଦ କରି ଆସୁଛନ୍ତି। ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଜିଲା ସଂଘର କାର୍ଯ୍ୟକର୍ତ୍ତାମାନେ ଆସନ୍ତା ୧୬ ତାରିଖରୁ ସମସ୍ତ ଡିଜିଟାଲ କାର୍ଯ୍ୟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଦିନରେ ଉଚିତ୍ ପଦକ୍ଷେପ ନ ନେଲେ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ସମୂହ ଛୁଟିରେ ଯିବାକୁ ଚେତାବନୀ ଦେଇଛନ୍ତି। ଦାବି ମଧ୍ୟରେ ବେତନ ଏବଂ କ୍ୟାରିୟର ଅଗ୍ରଗତି କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଏଲୋପାଥିକ ଡାକ୍ତରମାନଙ୍କ ସହିତ ସମ୍ପୂର୍ଣ୍ଣ ଭାବରେ ସମକକ୍ଷ କରିବା, କ୍ୟାଡର ପୁର୍ନଗଠନ, ପ୍ରାଣୀ ଚିକିତ୍ସା ବିଭାଗରେ ସେବା ଯୋଗାଣ କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ଆଣିବାକୁ ପ୍ରାଣୀ ଚିକିତ୍ସକମାନେ ଦୀର୍ଘ ଦିନ ଧରି ଦାବି କରି ଆସୁଛନ୍ତି। ପ୍ରତି ୮ ରୁ ୧୦ଟି ପଞ୍ଚାୟତ ପାଇଁ ଜଣେ ପ୍ରାଣୀ ଚିକିତ୍ସକ, ପ୍ରାଣୀଙ୍କର ସ୍ୱାସ୍ଥ୍ୟର ଯତ୍ନ ନିମନ୍ତେ ସ୍ପେଶାଲାଇଜଡ ସେବା, ଉପଖଣ୍ଡସ୍ତରରେ ଉନ୍ନତ ରୋଗ ନିରୁପଣ ସୁବିଧା କରିବା, ରେଫରାଲ ହସ୍ପିଟାଲ ଏବଂ ପ୍ରାଣୀ ଧନ ଫରେନସିକ୍ ଲାବ୍ ପ୍ରତିଷ୍ଠା ନିମନ୍ତେ ସେମାନେ ଦାବି କରି ଆସୁଛନ୍ତି। ଯାହା କାର୍ଯ୍ୟକାରୀ ହେଲେ ରାଜ୍ୟରେ ୬୦ ବର୍ଷର ପୁରାତନ ସେବା ଯୋଗାଣ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ ବୋଲି ଜିଲା ଭେଟେରିନାରୀ ସର୍ଭିସ ଆସୋସିଏସନ୍(ଓଭିଏସ୍‌ଏ)ର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। କେନ୍ଦୁଝର ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘର ସଭାପତି ଡା. ବିଜୟ ସେଠୀ, ସାଧାରଣ ସମ୍ପାଦକ ଡା ସୁଶାନ୍ତ ସିଂହଙ୍କ ସହ ପଦାଧିକାରୀ ଉପସ୍ଥିତ ଥିଲେ।

# 'ଭାଷା, ସାହିତ୍ୟ ବଞ୍ଚିଲେ ସମାଜରେ ସୁଧାର ଆସିବ'

## ରାଜ୍ୟସ୍ତରୀୟ ପାଲା ସମ୍ମିଳନୀ

କେନ୍ଦୁଝର, ୧୦।୨ (ଡି.ଏନ୍.ଏ)

କେନ୍ଦୁଝର ଜିଲା ସଂସ୍କୃତି ଭବନଠାରେ ଦୁଇଦିନିଆ ପାଲା ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟର କୋଣ ଅନୁକୋଣରୁ ପାଲା କଳାକାର ଭାଗ ନେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡ. ଧିରେନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାୟକ, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲକ୍ଷ୍ମୀ ନାଏକ, ଆଇନ୍‌ଜୀବୀ ଚତୁର୍ଭୁଜ ହୋତା, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ମାଗୁଣି ଚରଣ ପାତ୍ର, ଦଳିତ ଆଦିବାସୀ ବିକାଶ ସଂସ୍ଥାନ ଅଧ୍ୟକ୍ଷ ରମାକାନ୍ତ ପାତ୍ର ପ୍ରମୁଖଙ୍କ ସହ ମୁଖ୍ୟବକ୍ତା ଭାବେ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ ଯୋଗ ଦେଇ କେନ୍ଦୁଝର ଜିଲା କଳା, ସାହିତ୍ୟ, କ୍ରୀଡ଼ା ଇତ୍ୟାଦିରେ ନିଜର ନୈପୁଣ୍ୟତା ପ୍ରକାଶ କରି ରାଜ୍ୟରେ ଏକ ସ୍ୱତନ୍ତ୍ର ପଦଚିହ୍ନର ମାନ୍ୟତା ବହନ କରିଛି। ଭାଷା ଓ ସାହିତ୍ୟ ବଞ୍ଚିଲେ ସମାଜର ସୁଧାର ଆସିବ ଓ ଯୁବ ଗୋଷ୍ଠୀଙ୍କ କ୍ଷେତ୍ରରେ ପରିବର୍ତ୍ତନ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ନିଖିଳ ଉତ୍କଳ ପାଲା ଗାୟକ ପରିଷଦ କେନ୍ଦୁଝରର ପ୍ରାକ୍ତନ ସଭାପତି ଗାୟକ ଭୂଷଣ ନାରାୟଣ ଚନ୍ଦ୍ର ଦାସଙ୍କ ଆଜୀବନ ସାରସ୍ୱତ ସାଧନ ପାଇଁ ଏକ ଜୀବନୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଜିଲା ତଥା ଜିଲା ବାହାରୁ ଭାଗ ନେଇଥିବା ବରିଷ୍ଠ ପାଲା କଳାକାରଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଉଦ୍‌ଘୋଷକ ବିବେକ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଗାୟକ ସମ୍ମିଳନୀର ସମ୍ପାଦକ ତୁଳସୀ ମହାନ୍ତ, ଗାୟକ ରଞ୍ଜନ ଦାସଙ୍କ ପ୍ରତ୍ୟେକ୍ଷ ସହଯୋଗରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଅପରାହ୍ନ ୨ଟା ଠାରୁ ରାତି ୧୧ଟା ପର୍ଯ୍ୟନ୍ତ ପର୍ଯ୍ୟାୟ ଭିତ୍ତିକ ଭାବେ ଗାୟକଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା।




ଅତିଥିମାନେ ଗାୟକ ଭୂଷଣ ନାରାୟଣ ଚନ୍ଦ୍ର ଦାସଙ୍କ ଜୀବନୀ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ଶ୍ରୀ ରାଧାକୃଷ୍ଣଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା

ପାଟଣା,୧୦।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟସ୍ଥିତ ଆନନ୍ଦେଶ୍ୱର ଶିବମନ୍ଦିର ପ୍ରାଙ୍ଗଣରେ ନବ ନିର୍ମିତ ଶ୍ରୀ ରାଧାକୃଷ୍ଣଙ୍କ ମନ୍ଦିର ସହ ବିଗ୍ରହ ପ୍ରତିଷ୍ଠା ହୋଇଛି। ବୁଧବାର ପୂଜା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଗୁରୁବାର ୧୦୮ କଳସଯାତ୍ରା, ଶୁକ୍ରବାର ବିଦ୍ଧି ବଦ୍ଧ ମହାସ୍ନାନ, ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଓ ମନ୍ଦିର ପ୍ରବେଶ କାର୍ଯ୍ୟ ସମ୍ପନ୍ନ ହୋଇଛି। କର୍ତ୍ତାଭାବେ ଅରୁଣ ମିଶ୍ର ଓ କୃଷ୍ଣପ୍ରିୟା ମିଶ୍ର ଶସ୍ତ୍ରୀକ ଦେବନୀତି ସମ୍ପାଦନ କରିଥିଲେ। ପୂଜକ ଭାବେ ପଣ୍ଡିତ ଅଲେଖ ଚନ୍ଦ୍ର ତ୍ରିପାଠୀ, ତରୁଣ ତ୍ରିପାଠୀ, ନବ କିଶୋର ଦାଶ, ପର୍ଶୁରାମ ପଣ୍ଡା, ନିରଞ୍ଜନ କର ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ଶନିବାର ଯଜ୍ଞ ଓ ପୂର୍ଣ୍ଣାହୁତି ସମ୍ପନ୍ନ ହେବ ବୋଲି ଆନନ୍ଦେଶ୍ୱର ରାମାୟଣ ପ୍ରଚାର ସମିତି ସଭାପତି ପଣ୍ଡିତ ନାରାୟଣ ଦାଶ, ଉପସଭାପତି ଅଜୟ ଦାଶ, ସମ୍ପାଦକ ସନାତନ ଦାଶ ସୂଚନା ଦେଇଥିଲେ।

# ନିଜେ ଔଷଧ ଖାଇଲେ, ଶିଶୁଙ୍କୁ ଖୁଆଇଲେ

## ଫାଇଲେରିଆ ନିରାକରଣ ଅଭିଯାନ ଆରମ୍ଭ କଲେ ଜିଲାପାଳ

ବାଲେଶ୍ୱର ଅଫିସ,୧୦।୨

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ କେନ୍ଦ୍ରରେ ଶୁକ୍ରବାର ଫାଇଲେରିଆ ନିରାକରଣ ଅଭିଯାନ ଓ ଜାତୀୟ କୃମି ନାଶକ ଦିବସର ଶୁଭାରମ୍ଭ ହୋଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ନିଜେ ଫାଇଲେରିଆ ଔଷଧ ସେବନ କରିବା ସହ ଜଣେ ଶିଶୁକୁ ଔଷଧ ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲାର ୫ ପୌରାଞ୍ଚଳ ସହିତ ୧୨ବ୍ଲକର ପ୍ରାୟ ୨୫ଲକ୍ଷ ଲୋକଙ୍କୁ ଡିଇସି ଏବଂ ଆଲବେଣ୍ଡାଜୋଲ୍ ବଟିକା ପ୍ରଦାନ କରାଯିବା ସକାଶେ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି କୃମି ନାଶକ କାର୍ଯ୍ୟକ୍ରମରେ ୩୬ହଜାର ୫୪୨ ଜଣ ଶିଶୁଙ୍କୁ ଏହି ସିରପ ଖୁଆଯିବାକୁ ଲକ୍ଷ୍ୟ ରଖାଯାଇଛି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦ୍ଦେବ ଯୋଗଦେଇ ଉକ୍ତ ଔଷଧ ସମ୍ପୂର୍ଣ୍ଣ ନିରାପଦ ଏବଂ ଶରୀରରେ ଲୁଚି ରହିଥିବା ମାଇକ୍ରୋ ଫାଇଲେରିଆକୁ ମାରି ବାତଜ୍ୱର/ଗୋଦର ହେବାକୁ ଦେଇ ନ ଥାଏ ବୋଲି କହିଥିଲେ। ଜିଲାରେ ୧୦ହଜାର ୨୦୯ ଜଣ ଆଶା, ଅଙ୍ଗନୱାଡି କର୍ମୀ ଏବଂ ଅନ୍ୟାନ୍ୟ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଘରକୁ ଘର ବୁଲି ଏହି ଔଷଧ ସେବନ କରାଇବେ। କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ ପାଇଁ ୧ହଜାର ୨୧ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ସେହିପରି ଜାତୀୟ କୃମି ନାଶକ କାର୍ଯ୍ୟକ୍ରମରେ ୧ରୁ ୨ ବର୍ଷର ଶିଶୁମାନଙ୍କ ପୁଷ୍ଟିର ବିକାଶ ଏବଂ ରକ୍ତ ହୀନତା ଦୂରୀକରଣ ନିମିତ୍ତ ଆଲବେଣ୍ଡାଜୋଲ୍ ସିରପର ଗୋଟିଏ ଡୋଜ୍ ଦିଆଯିବ। ଜିଲାସ୍ତରୀୟ ୧୮ ଜଣ ଅଧିକାରୀ ପ୍ରତ୍ୟେକ ବ୍ଲକକୁ ଯାଇ ଏହି କାର୍ଯ୍ୟକ୍ରମର ତଦାରଖ କରିବେ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶଶାଙ୍କ ଶେଖର ଚୌଧୁରୀ, ଜିଲା ବାହକ ବାହିତ ରୋଗ ପରାମର୍ଶଦାତା ଆଲୋକ କୁମାର ପତି, ଡେପୁଟି ମ୍ୟାନେଜେର ଏଲିନା ସାମଲ, ଜିଲା ପ୍ରକଳ୍ପ ମ୍ୟାନେଜର ଅନିଲ କୁମାର ମହାନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିନିଧି ଡା. ଦେବକାନ୍ତ ନାୟକ ଉପସ୍ଥିତ ଥିଲେ।




ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଫାଇଲେରିଆ ଔଷଧ ଖାଉଛନ୍ତି।

